## ୧୩୧ ବର୍ଷରେ ନନ୍ଦୋର ମୁନୀମେଳା

ଖଇରା,(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ବ୍ଲକର ପ୍ରସିଦ୍ଧ ନନ୍ଦୋର ମୁନୀ ମେଳା ୧୩୧ ବର୍ଷରେ ପଦାର୍ପଣ କରିଥିବାବେଳେ ସୋମବାର ଏହା ଉଦ୍‌ଯାପିତ ହୋଇଯାଇଛି। ନନ୍ଦୋର କଳାପରିଷଦ ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ ନିତ୍ୟାନନ୍ଦ ଓଝା ପୌରୋହିତ୍ୟ କରିଥିଲେ। ଯାତ୍ରା କଳାକାର ଦାମୋଦର ପଣ୍ଡା ଓ ଚକ୍ରଧର ପଣ୍ଡା ବିଭିନ୍ନ ନାଟକର ସଂଳାପ ପରିବେଷଣ କରିଥିଲେ। ମଞ୍ଚରେ ମହେନ୍ଦ୍ର ନାୟକ, ତ୍ରୈଲୋକ୍ୟ ଓଝା, ବାବାଜୀ ଚରଣ ନାୟକ, ଲୋଚନ ନାୟକ, ଦାମ ପଣ୍ଡା, ଚକ୍ରଧର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସଂକ୍ଷେପରେ

## ଫି' ବୃଦ୍ଧି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

ଭୋଗରାଇ,୨୦।୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇର ଆର୍‌ଆଇଏଚ୍‌ଏସ୍ (ଗ୍ରାମ ଶିକ୍ଷା ପ୍ରତିଷ୍ଠାନ)ର ଯୁକ୍ତ୩ ତୃତୀୟ ବର୍ଷର ଛାତ୍ରୀଛାତ୍ର ବୁଧବାର ୫ମ ସେମିଷ୍ଟର ଫର୍ମପୂରଣ ଫି' ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନ କରିଥିଲେ। ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗରେ ଫର୍ମ ପୂରଣ ନିମନ୍ତେ ନୋଟିସବୋର୍ଡ଼ରେ ୮୧୦ ଟଙ୍କା ନିର୍ଦ୍ଧାରିତ ହୋଇଥିଲା। କଲେଜ କର୍ତ୍ତୃପକ୍ଷ ହଠାତ୍ ଫର୍ମପୂରଣ ପାଇଁ ୮୧୦ଟଙ୍କାରୁ ୯୧୦ ଟଙ୍କା ବୃଦ୍ଧି କରିବାରୁ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରି ଫି' ବୃଦ୍ଧି ପ୍ରତ୍ୟାହାର ଦାବି ନେଇ କଲେଜର ମୁଖ୍ୟ ଫାଟକରେ ତାଲା ପକାଇ ନାରାବାଜି କରିଥିଲେ। କଲେଜ କାଉଣ୍ଟରକୁ ବନ୍ଦ କରି ଅବିଳମ୍ବେ ଫି' ବୃଦ୍ଧି ପ୍ରତ୍ୟାହାର କରାଯାଉ ବୋଲି ଅଡ଼ି ବସିଥିଲେ। କଲେଜ କର୍ତ୍ତୃପକ୍ଷ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଫର୍ମ ପୂରଣ କରାଯିବ ବୋଲି କହିବାରୁ ଆନ୍ଦୋଳନ ପ୍ରଶମିତ ହୋଇଥିଲା। ଏ ସଂକ୍ରାନ୍ତରେ ଅଧକ୍ଷ ସୁଶୀଲ କୁମାର ଗିରିଙ୍କୁ ପଚାରିବାରୁ ପ୍ରାକ୍ତିକାଳ ସହ ଆଗାମୀ ୬ଷ୍ଠ ସେମିଷ୍ଟର ପାଇଁ ଶହେ ଟଙ୍କା ବୃଦ୍ଧି କରାଯାଇଥିଲା ବୋଲି କହିଥିଲେ।

## କଂଗ୍ରେସ ଭାଇଙ୍କ ଜୟନ୍ତୀ

ବାରିପଦା ଅଫିସ,୨୦।୧-ମୟୂରଭଞ୍ଜ ଜିଲା କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ସ୍ୱର୍ଗତ କଂଗ୍ରେସ ଭାଇଙ୍କ ୭୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅଅବସରରେ ଏକ ବୈଠକ କଲେଜର ଅଧକ୍ଷ କରୁଣାକର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିଜୟ ନାଏକ, ମୁଖ୍ୟବକ୍ତା ଡ. ଭାଗବତ ଲେଙ୍କା ପ୍ରମୁଖ ଉପସ୍ଥିତ ରହି କଂଗ୍ରେସ ଭାଇଙ୍କ ଜୀବନୀ, ସମାଜସେବା ଓ ତ୍ୟାଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପାଞ୍ଚପୀଢ଼ ୟୁଥ କ୍ଲବର ସଦସ୍ୟ ରଣଜିତ ବଡ଼ନାଏକ ଓ ଶମ୍ଭୁ ବଡ଼ନାଏକ ଉପସ୍ଥିତ ରହି ଗରିବ ଲୋକମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। କୁରୁଳିଆ ଶିଶୁ ମଙ୍ଗଳ ଅନୁଷ୍ଠାନ ପକ୍ଷରୁ ଅନ୍ତେବାସୀଙ୍କୁ ବସ୍ତ୍ରଦାନ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଭାଇଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ନିଧି ସଂଗ୍ରହ ଅଭିଯାନ ଆରମ୍ଭ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ପୌରପାଳିକାର ସ୍ୱଚ୍ଛ ଚର୍ଚ୍ଚା ଦିବସ

ଭଦ୍ରକ ଅଫିସ,୨୦।୧: ଭଦ୍ରକ ପୌରପାଳିକା ପକ୍ଷରୁ ସଭାଗୃହରେ ସ୍ୱଚ୍ଛ ଚର୍ଚ୍ଚା ଦିବସ ପାଳନ କରାଯାଇଛି। ଏଥିରେ ସହରାଞ୍ଚଳର ସ୍ୱଚ୍ଛତା ସମୀକ୍ଷା କରାଯିବା ସହିତ ଆଗାମୀ ସମୟ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପୌରନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସହରାଞ୍ଚଳକୁ ସ୍ୱଚ୍ଛ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାବ୍ୟତୀତ ସହରରେ ଜାରି ରହିଥିବା ଅମୃତ ଯୋଜନାରେ ପାନୀୟ ଜଳ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ମୁଖ୍ୟ ଆଲୋଚ୍ୟ ବିଷୟ ସହରକୁ ସ୍ୱଚ୍ଛ କିପରି ରଖାଯାଇ ପାରିବ ଏବଂ ସେ ଦିଗରେ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜରମାନଙ୍କ କାର୍ଯ୍ୟାବଳୀ ଉପରେ ଆଲୋଚନା କରାଯାଇଥିଲା। ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଇଂ. ମଧୁସୂଦନ ସିଂ, ଆର୍‌ଟିଓ ସନତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ସଙ୍କୀର୍ଣ୍ଣ ହେଉଛି ସହର ରାସ୍ତା

ବାରିପଦା ଅଫିସ,୨୦।୧

ମୟୂରଭଞ୍ଜ ଜିଲା ବାରିପଦା ପୌରପାଳିକା ଅଧୀନରେ ଥିବା ସହରର ମୁଖ୍ୟରାସ୍ତା ଦିନକୁ ଦିନ ସଙ୍କୀର୍ଣ୍ଣ ହେବାକୁ ବସିଲାଣି । ରାସ୍ତାର ଉଭୟ ପାର୍ଶ୍ୱ ଜବରଦଖଲକାରୀଙ୍କ କବ୍ଜାରେ ରହୁଥିବା ବେଳେ ବେଆଇନ ଭାବେ ଦୋକାନଠାରୁ ଆରମ୍ଭ କରି ଗାଡ଼ି ପାର୍କିଂ କରାଯାଉଛି। ଜାତୀୟ ସଡ଼କ ସୁରକ୍ଷା ମାସରେ ସରକାର ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରୁଥିଲେ ମଧ୍ୟ ଜବରଦଖଲ ଉଚ୍ଛେଦ ହେଉ ନ ଥିବାରୁ ଟ୍ରାଫିକ ଅବ୍ୟବସ୍ଥା ବଢ଼ି ଚାଲିଛି। ଫଳରେ ନିତିଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଥିବା ବେଳେ ଧନଜୀବନ ହାନି ହେଉଥିବା ନଜିର ରହିଛି। ହମ୍ପ ନିର୍ମାଣ, ଚଳପ୍ରଚଳ ସୂଚନା, ଜେବ୍ରା କ୍ରସିଙ୍ଗ ଚିହ୍ନ ଓ ଟ୍ରାଫିକ ପୋଷ୍ଟ ନିର୍ମାଣ ଦାବିକୁ ନେଇ ହ୍ୟୁମାନ ରାଇଟ୍ସ ୟାଇଡିସିର ରାଜ୍ୟ ସମ୍ପାଦକ ସୁକୁମାର ରଞ୍ଜନ ପ୍ରଧାନ ୩ ଦିନ ହେଲା ରାସ୍ତାରେ ଅନଶନ ଜାରି ରଖିଛନ୍ତି । ଏସଂକ୍ରାନ୍ତରେ ମୟୂରଭଞ୍ଜ ଜିଲାପାଳଙ୍କଠାରେ ସେ ଲିଖିତ ଅଭିଯୋଗ କରିଥିବା ବେଳେ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ପ୍ରକାଶ କରିଛନ୍ତି।

ବାରିପଦା ସହରର ଜନଗହଳିପୂର୍ଣ୍ଣ ବାଘଡ଼ାରୋଡ୍‌–ଦାରୋଗାଡ଼ିହି ଭିଆଇପି



ଅନଶନରେ ବସିଥିବା ସୁକୁମାର ।

ରାସ୍ତାରେ ପ୍ରତିଦିନ ହଜାର ହଜାର ଯାନବାହାନ ଚଳପ୍ରଚଳ କରୁଛି। ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ସ୍ଥାନ ଗୁଡ଼ିକରେ ନିରାପଦ ଚଳପ୍ରଚଳ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ । ମୁଖ୍ୟ ରାସ୍ତା ଦେଇ ଦ୍ରୁତ ବେଗରେ ଗାଡ଼ି ଚଳପ୍ରଚଳ କରୁଥିବାରୁ ଦୁର୍ଘଟଣାରେ ନୀରିହଙ୍କ ଜୀବନ ଯାଉଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଓ ଶୋ'ରୁମର ବ୍ୟବସାୟୀମାନେ ମନମୁଖି ରାସ୍ତା ଉପରେ ବ୍ୟବସାୟ ଚଳାଉଛନ୍ତି। ସାଧାରଣ ଲୋକେ ଏହାକୁ ବିରୋଧ କଲେ ସେମାନେ ନାଲି ଆଖି ଦେଖାଇ ଧମକଚମକ ଦେଉଛନ୍ତି । ସେହିପରି ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ବ୍ୟବସାୟୀମାନେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବସି ବେପାର ବଣିଜ କରୁଥିବା ବେଳେ ରାସ୍ତା ଉପରେ ଗ୍ରାହକମାନେ ଛିଡ଼ା ହୋଇ କିଣାକିଣି କରୁଛନ୍ତି । ଫଳରେ ଯାନବାହାନ ଚଳାଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଜାଣିଶୁଣି ପ୍ରଶାସନ ଚୁପ ରହୁଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି ।

### ଟ୍ରାଫିକ ବ୍ୟବସ୍ଥା ଦାବିରେ ଅନଶନ

ସହରରେ ଥିବା ବସଷ୍ଟାଣ୍ଡ, କଚେରୀ ରୋଡ୍, ଟ୍ରାଫିକ ଛକ, ଏମ୍‌କେସି ରୋଡ୍, ଡାକ୍ତରଖାନା ରାସ୍ତା, ଷ୍ଟେଶନ୍‌ବଜାର, ଭଞ୍ଜପୁର, ବାଘଡ଼ାରୋଡ୍ ଆଦି ଅଞ୍ଚଳରେ ଫଳ, ପନିପରିବା ଓ ବିଭିନ୍ନ ଦୋକାନଗୁଡ଼ିକ ପସରା ମେଲାଉଥିବାରୁ ରାସ୍ତା ସଙ୍କୀର୍ଣ୍ଣ ହୋଇପଡ଼ୁଛି । ସେହିପରି ନିଶାଶକ୍ତ ଗାଡ଼ି ଚାଳକ, ସଡ଼କ ନିୟମ ଉଲ୍ଲଂଘନକାରୀ ଓ ଜବରଦଖଲକାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରବାସୀ ଦାବି କରୁଛନ୍ତି । ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ସଡ଼କ ସୂଚନା ଫଳକ ଲଗାଇବା ସହ ରାସ୍ତାରେ ଥିବା ଜେବ୍ରା କ୍ରସିଂକୁ ପୁନର୍ବାର ଚିହ୍ନଟ କରିବାକୁ ସାଧାରଣରେ ଦାବି ହେଉଛି । ସେହିପରି ମଦ୍ୟପାନ କରି ଗାଡ଼ି ନ ଚଳାଇବା ପାଇଁ ସଚେତନତା ବାର୍ତ୍ତା ମାଧ୍ୟମରେ ସୁକୁମାର ଅନଶନରତ ଅଛନ୍ତି। ଏ ସଂକ୍ରାନ୍ତରେ ପୂର୍ତ୍ତବିଭାଗର ନିର୍ବାହୀଯନ୍ତ୍ରୀ ନନ୍ଦଦୁଲାଲ ଘଡ଼େଇଙ୍କୁ ପଚାରିବାରୁ ଦାବି ସମ୍ପର୍କରେ ଅବଗତ ଅଛି । ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଶ୍ରମିକ, ବେକାର ଆନ୍ଦୋଳନ ଜରୁରୀ

ବାଲେଶ୍ୱର ଅଫିସ,୨୦।୧

ବାଲେଶ୍ୱର ସହର ଫାଣ୍ଡି ଛକସ୍ଥିତ ସିପିଆଇଏମ୍ କାର୍ଯ୍ୟାଳୟରେ ବୁଧବାର ଜିଲା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ନେତା ଜନାର୍ଦ୍ଦନ ପତି ଯୋଗଦେଇ ଦେଶରେ କୃଷକମାନଙ୍କ ଆନ୍ଦୋଳନ ଭଳି ଶ୍ରମିକ ଓ ବେକାରମାନଙ୍କୁ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି।

ନୂତନ କୃଷି ଆଇନକୁ କେତେକ ଚାଷୀ ସଙ୍ଗଠନ ବିରୋଧ କରି ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଆଇନ ଫଳରେ ଚାଷୀମାନଙ୍କ ଜମି, ଠିକାଫାର୍ମି ବ୍ୟବସ୍ଥା କର୍ପୋରେଟରମାନଙ୍କ ଅକ୍ତିଆରକୁ ଚାଲିଯିବ। କୃଷକମାନଙ୍କ ଉତ୍ପାଦିତ ଫସଲକୁ ଘେରାଇ ବେପାରୀମାନେ ଇଚ୍ଛା ମୁତାବକ ଦରରେ କିଣିବେ। ବଡ଼ ବଡ଼ ଫାର୍ମର ଚାଷଜମିରେ ବହୁଳ ଯନ୍ତ୍ର ବ୍ୟବହାର ଫଳରେ କ୍ଷେତ ମଜଦୁରମାନେ କାମ ହରାଇବେ ଓ ବେରୋଜଗାର ହେବେ ବୋଲି ଆନ୍ଦୋଳନରତ କୃଷକମାନେ ଅଭିଯୋଗ କରିଛନ୍ତି। କୃଷକ, ଶ୍ରମିକ ଓ ବେକାରୀମାନଙ୍କ ମିଳିତ ଆନ୍ଦୋଳନ ହିଁ ଜନବିରୋଧୀ ନୀତି ପ୍ରତ୍ୟାହାର କରିବାକୁ କେନ୍ଦ୍ର ସରକାରଙ୍କୁ ବାଧ୍ୟ କରିବ ବୋଲି ବୈଠକରେ କୁହାଯାଇଛି। ଜିଲା ସମ୍ପାଦକ ଶିଶିର ହୁଇ, ସିତାଂଶୁ ସେନାପତି, ପ୍ରେମ ରଞ୍ଜନ ପାତ୍ର, ବିଜୟ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଶ୍ୟାମସୁନ୍ଦର ଜେନା, ରାଜକିଶୋର ଲେଙ୍କା, ନିକୁଞ୍ଜ ବସନ୍ତ ରାୟ, ଦିଲୀପ ଗିରି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା

ପାଟଣା, ୨୦।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ୩୨ ତମ ଜାତୀୟ ସଡ଼କ ସୁରକ୍ଷା ମାସ ୧୮ ଜାନୁୟାରୀରୁ ୧୭ ଫେବୃୟାରୀ ପର୍ଯ୍ୟନ୍ତ ପାଳିତ ହେଉଛି। ଏହି ଅବସରରେ ବୁଧବାର ପାଟଣା ମୁଖ୍ୟାଳୟରେ କେନ୍ଦୁଝର ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ଭାବେ ପଥପ୍ରାନ୍ତ ନାଟକ ପରିବେଷଣ କରି ଲୋକଙ୍କୁ ସଡ଼କ ସୁରକ୍ଷା ଆଇନ ଉପରେ ଅବଗତ କରାଇବା ସହ ଦୁର୍ଘଟଣା ଏଡେଇବାକୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟର ଯାନ ନିରୀକ୍ଷକ ରମେଶ ଚନ୍ଦ୍ର ପଣ୍ଡା, କନିଷ୍ଠ ମୋଟର ଯାନ ନିରୀକ୍ଷକ କାହ୍ନୁ ଚରଣ ବାନାରା ଓ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

# ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ କର



ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅଧିକାରୀମାନେ।

କେନ୍ଦୁଝର, ୨୦।୧(ଡି.ଏନ୍.ଏ.)

ଓଡିଶାର ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ବୁଧବାର କେନ୍ଦୁଝର ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ସର୍କିଟ ହାଉସଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ଜେନା ଜିଲାରେ ଚାଲିଥିବା ଫ୍ଲାଗସିପ୍ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜରିଆରେ କାର୍ଯ୍ୟକାରୀ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଗ୍ରାମୀଣ ଆବାସ ଯୋଜନାର ସମୀକ୍ଷା କରି ସ୍ଥିତି ଓ ଏହାର ଅଗ୍ରଗତି ତଦାରଖ କରିଥିଲେ। ଯେଉଁ ବ୍ଲକରେ ଆଶାନୁରୂପ ଅଗ୍ରଗତି ହୋଇପାରୁନାହିଁ ତା' ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ସହ ଏହାକୁ ଅଧିକ

### ପଞ୍ଚାୟତିରାଜ ମନ୍ତ୍ରୀଙ୍କ କେନ୍ଦୁଝର ଜିଲା ଗସ୍ତ

କ୍ରିୟାଶୀଳ କରିବା ନିମନ୍ତେ ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ପାନୀୟ ଜଳ ପ୍ରକଳ୍ପର ଠିକ୍ କାର୍ଯ୍ୟକାରିତା, ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରି ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଓଭରହେଡ ପାଣି ଟାଙ୍କି ଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏତଦ୍‌ବ୍ୟତୀତ ସହରାଞ୍ଚଳର ଉତ୍ତମ ପରିମଳ ଅବସ୍ଥା ଉପରେ ବିହୀତ ପଦକ୍ଷେପ ନେବାକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ଆଶିଷ ଠାକ୍‌ରେ ସ୍ୱାଗତ ଜଣାଇବା ସହ ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଓଡିଶାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ, ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଏବଂ ଉପାଧ୍ୟକ୍ଷ ଅକ୍ଷୟ କୁମାର ସାହୁ, ପିଡି ଡିଆର୍‌ଡିଏ ଡ଼ଃ ଉଦ୍ଧବ ଚନ୍ଦ୍ର ମାଝୀ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।

## ଧାନ ବିକ୍ରି ନେଇ ଚାଷୀ ହଟହଟା

ଖଇରା,୨୦।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବିଭିନ୍ନ ସେବା ସମିତିରେ ଧାନବିକ୍ରି ପାଇଁ ପଞ୍ଜିକରଣ କରିଥିବା କେତେକ ଚାଷୀଙ୍କୁ ହଟହଟା ହେବାକୁ ପଡିଛି। ୧୦ଏକରରୁ ଅଧିକ ଜମି ଥିବା ମାଲିକମାନେ ସେମାନଙ୍କ ଜମି ପଟ୍ଟା ଦେଇ ଆବେଦନ କରିଥିବାବେଳେ ଯାଞ୍ଚ ଆଳରେ ଯୋଗାଣ ବିଭାଗ ଏଗୁଡିକୁ ଅଟକାଇ ରଖିଛି। ଏଭଳିକି ଜିଲାପାଳଙ୍କ ତରଫରୁ ରାଜ୍ୟ ଯୋଗାଣ ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରାଯିବା ସତ୍ତ୍ୱେ ଏଥିରୁ ଚାଷୀ ମାନଙ୍କୁ କିଛି ଲାଭ ମିଳିନାହିଁ। ଏବେ ଧାନକିଣା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏପର୍ଯ୍ୟନ୍ତ ୫୦ରୁ ଉର୍ଦ୍ଧ ଚାଷୀଙ୍କର ଟୋକନ ଆସିନାହିଁ । ବିଶେଷ କରି ମିର୍ଜାପୁର, ଖଇରା, କୁରୁଣ୍ଟା ସେବା ସମିତି ଅଧୀନରେ ଥିବା ଅଧିକାଂଶ ଚାଷୀ ଏହି ନିର୍ଯାତନା ଭୋଗୁଛନ୍ତି। ଚାଷୀ ମାନେ ଜିଲା ଯୋଗାଣବିଭାଗକୁ ବାରମ୍ବାର ଦୌଡ଼ିବା ପରେ ଜିଲାପାଳଙ୍କ ତରଫରୁ ପତ୍ର ସଂଖ୍ୟା ୩୯ ତା୮।୧।୨୧ରିଖରେ ଯୋଗାଣ ବିଭାଗର ଅତିରିକ୍ତ ସଚିବଙ୍କୁ ଜଣାଇ ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଚାଷୀମାନଙ୍କ ନାମ ଅନ୍‌ଲାଇନରେ ଆସିପାରିନାହିଁ। ଚାଷୀ ମାନଙ୍କୁ ଏଭଳି ନିର୍ଯାତନା ଆଗକୁ କୃଷି ଉପରେ ନକରାତ୍ମକ ପ୍ରଭାବ ପକାଇବ ବୋଲି କୁରୁଣ୍ଟା ଗ୍ରାମର ଚାଷୀ ରମାକାନ୍ତ ମିଶ୍ର, ରମାକାନ୍ତ ପଣ୍ଡା, ଗଜେନ୍ଦ୍ର ଦାସ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ପି.କେ. ରାଉତରାୟଙ୍କୁ ପଚାରିବାରୁ ସରକାରଙ୍କୁ ବହୁବାର ଏନେଇ ଅବଗତ କରାଯାଇଥିବା କହିଛନ୍ତି ।

## ତୃଣମୂଳସ୍ତରରୁ ସଙ୍ଗଠନ ଦୃଢ଼ କରିବାକୁ ଆହ୍ୱାନ

ବାଲେଶ୍ୱର ଅଫିସ,୨୦।୧

ବାଲେଶ୍ୱର ସହର ପାଣିଚାଙ୍କି ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପ ପରିସରରେ ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଏଥିରେ ନୂତନ ଭାବେ ମନୋନୀତ ହୋଇଥିବା କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲାସଭାପତି ସିମନ ଦାସମହାପାତ୍ର ଅଧ୍ୟକ୍ଷତା କରିଥିଲେ। ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସଙ୍ଗଠନକୁ ବ୍ଲକସ୍ତରରେ ସମ୍ପ୍ରସାରିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ସମାଜସେବୀ ତଥା ନାରୀନେତ୍ରୀ ସୁବାସିନୀ ଜେନା ଯୋଗଦେଇ ବିଜୁ ଛାତ୍ର ଜନତା ଦଳ ବିଗତ ଦିନ ଗୁଡ଼ିକରେ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟରେ ନିୟୋଜିତ ରହିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳ ବାଲେଶ୍ୱର ଜିଲା ତରଫରୁ ସମସ୍ତ ନିର୍ବାଚନମଣ୍ଡଳୀର ବ୍ଲକମାନଙ୍କର ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇ ପ୍ରତ୍ୟେକ ବ୍ଲକରେ ୫ଜଣ ଉପସଭାପତି, ୧୦ଜଣ ଲେଖାଏଁ ସାଧାରଣ ସମ୍ପାଦକ, ୧୦ଜଣ ସମ୍ପାଦକ ଓ ପ୍ରତ୍ୟେକ ପଞ୍ଚାୟତରେ ସଭାପତି ଓ ସୋସିଆଲ ମିଡିଆ ଛାତ୍ର ନେତା ମନୋନୀତ କରାଯିବ ବୋଲି

### ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ସଭାପତି ଦାସମହାପାତ୍ର ସୂଚନା ଦେଇଛନ୍ତି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ନୀଳଗିରି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ରାଜ୍ୟ ଛାତ୍ର ଜନତା ଦଳର ପର୍ଯ୍ୟବେକ୍ଷକ ଚିନ୍ମୟ ଦାସ, ଜିଲା ଉପସଭାପତି ଭୁବନାନନ୍ଦ ଦାସ, ପୂର୍ବତନ ଉପ-ନଗରପାଳ ମନୋଜ ରାଉତ, ଜିଲା ସାଧାରଣ ସମ୍ପାଦକ ବରୋଦା ପ୍ରସନ୍ନ ପଟ୍ଟନାୟକ, ଟାଉନ ସଭାପତି ସନତ୍ ଦାସ, କୃଷକ ସଭାପତି ଅଜୟ ସାମଲ, ପୂର୍ବତନ ସଦର ଛାତ୍ର ସଭାପତି ଭବାନୀ ପଣ୍ଡା, ଯୁବ ବିଜେଡିର ଜିଲା ଉପସଭାପତି ବ୍ରଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

# ନରହରି ଥିଲେ ଜ୍ଞାନର ଗବେଷକ

ଭଦ୍ରକ ଅଫିସ, ୨୦।୧

ବିଶିଷ୍ଟ ଗ୍ରନ୍ଥକାର, ସଂସ୍କୃତବିତ୍, ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ଗବେଷକ ଦିବଂଗତ କରୋନା ଯୋଦ୍ଧା ଡ. ନରହରି ବେହେରାଙ୍କ ଗବେଷଣା ପୁସ୍ତକ 'ଅଭିଜ୍ଞାନ ଶାକୁନ୍ତଳମ୍ ଓ ପ୍ରଣୟ ବଲ୍ଲରୀ' ଲୋକର୍ପଣ ଉତ୍ସବ ଭଦ୍ରକ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭା ମୁଖ୍ୟ ଭାବେ ପ୍ରଫେସର ଡ. ଶଶଧର ଦାସ, ମୁଖ୍ୟଅତିଥି ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ମୁଖ୍ୟବକ୍ତା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସେବାନିବୃତ୍ତ ନିର୍ଦ୍ଦେଶକ

### 'ଅଭିଜ୍ଞାନ ଶାକୁନ୍ତଳମ୍ ଓ ପ୍ରଣୟ ବଲ୍ଲରୀ' ଲୋକାର୍ପିତ

ବିଜୟ କୁମାର ନାୟକ ଯୋଗଦେଇ ପୁସ୍ତକ ଲୋକାର୍ପଣ କରିଥିଲେ। ଡ. ବେହେରା ପ୍ରତିବର୍ଷ ବର୍ଣ୍ଣବୋଧ ଦିବସ ପାଳନ କରିବା ସହିତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବଣ୍ଟନ କରି ଓଡ଼ିଆ ଭାଷା କିପରି ଦୃଢ଼ ହୋଇପାରିବ, ପିଲାମାନେ କିପରି ନିର୍ଭୁଲ ଓଡ଼ିଆ ଲେଖିବେ ଓ କହିବେ ସେ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଥିଲେ। ସେ ଜ୍ଞାନର ଗବେଷକ ଥିଲେ। ବର୍ଣ୍ଣବୋଧ ଦିବସରେ ତାଙ୍କ ଗବେଷଣା ପୁସ୍ତକ ଲୋକାର୍ପଣ ହେବା ସୌଭାଗ୍ୟର କଥା। ଏହି ଗବେଷଣାତ୍ମକ ପୁସ୍ତକ ତାଙ୍କୁ ଚିର ଅମର କରି ରଖିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧିବକ୍ତା ଅତିସ୍ ବେହେରାଙ୍କ ମଞ୍ଚ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ପ୍ରାଧ୍ୟାପିକା ଡ. ରାଧାରାଣୀ ମହାପାତ୍ର ଓ ସାହିତ୍ୟ ଏକାଡେମୀ ସଦସ୍ୟ ଅଧ୍ୟାପକ ପବିତ୍ର ପାଣିଗ୍ରାହୀ ପୁସ୍ତକର ସମୀକ୍ଷା ସହ ବିଶଦ୍ ଆଲୋଚନା କରିଥିଲେ। ସହ ସଞ୍ଚାଳକ ରୂପକ ବିହାରୀ ରାୟ, ଛବିଲତା ବିଶ୍ୱାଳ, ନିତ୍ୟାନନ୍ଦ ଦାସ, ସରୋଜ ବିଶ୍ୱାଳ, ଦେବୀଦତ୍ତ ବେଦାନ୍ତ, ଦେବଦତ୍ତ ବେଦାନ୍ତ ପ୍ରମୁଖ ପରିଚାଳନା କରିଥିଲେ।



ଉତ୍ସବରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ଅଚଳ ହୋଇପଡ଼ିଛି 'ଜୀବନଧାରା'

ବାସୁଦେବପୁର, ୨୦।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାରେ କେତେକ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିଥିବା ବେଳେ ଆଉ କେତେକ ପ୍ରକଳ୍ପ ମରାମତି ଅଭାବରୁ ଅଚଳ ହୋଇ ପଡ଼ିଛି। ଯାହାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ବାସୁଦେବପୁର ମୁଖ୍ୟବଜାରର ବ୍ଲକରୋଡ଼ରେ ପୌରପାଳିକା ପକ୍ଷରୁ ନିର୍ମିତ ଥଣ୍ଡାପାନୀୟ ଜଳ ପ୍ରକଳ୍ପ(ଜୀବନଧାରା) ଅକାମୀ ହୋଇ ରହିଛି। ମରାମତି ହେଉ ନ ଥିବାରୁ ବ୍ଲକରୋଡ଼ରେ ଥିବା ଶତାଧିକ ବ୍ୟବସାୟୀ, ବାଟୋଇ, ଶିକ୍ଷାନୁଷ୍ଠାନ କର୍ମଚାରୀ ପ୍ରମୁଖ ପାନୀୟ ଜଳ ପାଇଁ ଅସୁବିଧାରେ ପଡୁଛନ୍ତି। ଜନସାଧାରଣଙ୍କୁ ପାନୀୟଜଳ ଯୋଗାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥାଇ କାର୍ଯ୍ୟ କରୁଥିବା କୁହାଯାଉଥିବା ବେଳେ ବାସୁଦେବପୁର ଏଠାରେ ଏହାର



ବାସୁଦେବପୁର ମୁଖ୍ୟବଜାର ବ୍ଲକରୋଡ଼ରେ ଥିବା ଅଚଳ ପାନୀୟ ଜଳ ପ୍ରକଳ୍ପ।

ବ୍ୟତିକ୍ରମ ଦେଖାଦେଇଛି। ସ୍ଥାନୀୟ ବ୍ୟବସାୟୀ ବାସିନ୍ଦା ଏହି ପ୍ରକଳ୍ପର ମରାମତି ପାଇଁ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ପ୍ରାୟ ବର୍ଷେରୁ ଉର୍ଦ୍ଧ୍ୱ ଧରି ଅଚଳ ରହିଥିବା ଉକ୍ତ ପ୍ରକଳ୍ପ ବନ୍ଦ ରହିବା ଫଳରେ ଏହି ସ୍ଥାନ ଲୋକଙ୍କ ପରିଶ୍ରା କରିବା ସ୍ଥଳ ପାଲଟିଥିବା ଦେଖିବାକୁ ମିଳିଛି। ଏହି ପ୍ରକଳ୍ପ ଉପରେ ବସିଥିବା ପାଣିଟାଙ୍କି ମଧ୍ୟ ଭାଙ୍ଗିବାକୁ ବସିଲାଣି। ବାସୁଦେବପୁର ସହରବାସୀଙ୍କ ପାଇଁ ଏହି ପ୍ରକଳ୍ପ ଯଥେଷ୍ଟ ଗୁରୁତ୍ୱ ବହନ କରୁଥିବାବେଳେ ମରାମତି କରା ନ ଯିବା ସହରବାସୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବ୍ୟବସାୟୀ ମୃତ୍ୟୁଞ୍ଜୟ ଅଗସ୍ତୀ ପୌରପାଳିକା ପକ୍ଷରୁ ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଗଲେ ବହୁ ଲୋକ ଉପକୃତ ହୋଇପାରିବେ ବୋଲି ମତ ରଖିଛନ୍ତି। ପୌରପାଳିକା ଏ ଦିଗରେ ଧ୍ୟାନ ଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ପୌର ଅଧିକାରୀ ଲଗ୍ନଜିତ୍ ବେହେରାଙ୍କୁ ପଚାରିବାରୁ ଏହି ପ୍ରକଳ୍ପ ମରାମତି ତଥା କାର୍ଯ୍ୟକ୍ଷମ ଦିଗରେ ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

## ତାରିଣୀ ପୀଠରେ ପରିବହନ ମନ୍ତ୍ରୀ

ଘଟଗାଁ, (ଡି.ଏନ.ଏ.): କେନ୍ଦୁଝର ଜିଲା ଘଟଗାଁ ତାରିଣୀ ମନ୍ଦିର ଦୀର୍ଘ ୧୦ ମାସ ପରେ ଜାନୁୟାରୀ ୧୮ରେ କଟକଣା ମଧ୍ୟରେ ସର୍ବସାଧାରଣ ଦର୍ଶନ ଲାଗି ଖୋଲିଛି। ସାଧାରଣ ଭକ୍ତଙ୍କ ସହ ବହୁ ମନ୍ତ୍ରୀମାନେ ମଧ ମା'ଙ୍କୁ ଦର୍ଶନ କରିବାକୁ ଆସିଛନ୍ତି। ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କେନ୍ଦୁଝର ଗସ୍ତ କରି ଫେରିବାବେଳେ ବୁଧବାର ସକାଳେ ମା' ତାରିଣୀଙ୍କୁ ଦର୍ଶନ କରିଛନ୍ତି। ମା' ତାରିଣୀ ମନ୍ଦିର ପରିଚାଳନା ବୋର୍ଡ ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକ, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚ ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ସ୍ୱଚ୍ଛତା ପାଇଁ ସହଯୋଗ ଲୋଡ଼ା

ପଦ୍ମପୁର,୨୦।୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନୀଳମଣି ଟାଉନ ହଲ୍‌ଠାରେ ବୁଧବାର ସ୍ୱଚ୍ଛ ଚର୍ଚ୍ଚା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ପିତାମ୍ବର ସାମଲ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ବେହେରା, ସିଟି ମିଶନ ମ୍ୟାନେଜର ରାକେଶ ଦାଶ, ଜଳ ପରିମଳ କନିଷ୍ଠଯନ୍ତ୍ରୀ ରୂପେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପୌରପାଳିକାର ସମସ୍ତ ସଫେଇ କର୍ମଚାରୀ ଓ ସୁପରଭାଇଜର ସଭାରେ ଉପସ୍ଥିତ ଥିଲେ। ପ୍ରତି ମାସ ୨୦ ତାରିଖରେ ଏହି ଦିବସ ପାଳନ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ସ୍ୱଚ୍ଛତା ପାଇଁ ସଫେଇ କର୍ମଚାରୀଙ୍କ ଆନ୍ତରିକ ପ୍ରଚେଷ୍ଟା ଓ ଜନସାଧାରଣଙ୍କ ସହଯୋଗ ଲୋଡ଼ା ବୋଲି କହିଥିଲେ ଉପଜିଲାପାଳ ସାମଲ। ଅଞ୍ଚଳରେ ୬୬୪୫ ଗୃହକୁ ପାନୀୟ ଜଳ ଯୋଗାଣ ଲାଗି ଲକ୍ଷ୍ୟ ଥିବାବେଳେ ୨୪୧୪ ପରିବାରକୁ ଜଳ ଯୋଗାଣ ବାକି ଅଛି। ପ୍ରତି ୱାର୍ଡ଼ରୁ ହିତାଧିକାରୀ ଚୟନରେ ସହାୟତା କରିବା ପାଇଁ ସଫେଇ କର୍ମଚାରୀମାନଙ୍କୁ ଯନ୍ତ୍ରୀ ଅନୁରୋଧ କରିଥିଲେ।

## ବିହନ ବିଶୋଧନ ପ୍ରଦର୍ଶନ

ରୂପ୍‌ସା,୨୦।୧(ଡି.ଏନ.ଏ.)-କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ଗଡ଼ପଦା ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ବିହନ ବିଶୋଧନ ପ୍ରଦର୍ଶନ ଶିବିର ଅନୁଷ୍ଠିତ ହୋଇଯାଇଛି। ବସ୍ତା ବ୍ଲକ କୃଷି ଅଧିକାରୀ ଚୈତନ୍ୟ ଚରଣ ସାହୁ ଓ ସହକାରୀ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ ଯୋଗଦେଇ ଫସଲରେ ଲାଗୁଥିବା ବିଭିନ୍ନ ରୋଗ, ପୋକ ବ୍ୟାପିବାକୁ ହ୍ରାସ କରାଇ କିଭଳି ଫସଲକୁ ସୁରକ୍ଷା ପ୍ରଦାନ କରିହେବ ସେ ଦିଗରେ ଆଲୋପାତ କରିଥିଲେ। ଏଥିସହ ଶୁଷ୍କ, ଆର୍ଦ୍ର ଓ କାଦୁଅ ବିହନ ବିଶୋଧନ, ବିହନରେ ଅଙ୍କୁରୋଦଗମ ଶକ୍ତି ବଢ଼ାଇବା, ରବି ଋତୁରେ ଡାଲିଜାତୀୟ ଓ ତୈଳବୀଜ ଫସଲରେ ମୂଳସଢ଼ା, ଗଜାସଢ଼ା ରୋଗର ନିରାକରଣ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଇଥିଲା। ଗ୍ରାମ୍ୟ କୃଷି ଅଧିକାରୀ ରଶ୍ମିତା ଟୁଡୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। କୃଷକ ସାଥୀ ସଞ୍ଜିବ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ସରପଞ୍ଚ କାଳିଚରଣ ଯେନା, ପଞ୍ଚାୟତର ବହୁ ଅଗ୍ରଣୀ ଚାଷୀ ଶିବିରରେ ଉପସ୍ଥିତ ଥିଲେ।

## ଉତ୍ତର ଦେଇପାରିଲେନି ଯୋଗାଣ ଅଧିକାରୀ

ହାଟଡିହୀ,୨୦।୧(ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବିଭିନ୍ନ ମଣ୍ଡିରେ ଧାନ କିଣାର ବ୍ୟବସ୍ଥା ଏବଂ ଚାଷୀଙ୍କ ନାମ ପଞ୍ଜୀକରଣକୁ ନେଇ ଯୋଗାଣ ଅଧିକାରୀଙ୍କୁ ପ୍ରଶ୍ନ ପଚରା ଯାଇଥିବା ବେଳେ ଯୋଗାଣ ଅଧିକାରୀ ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଶେଷକରି ପିଏସ ମେମ୍ବର ମାନଙ୍କୁ କୌଣସି କାର୍ଯ୍ୟରେ ପଚରାଯାଉ ନ ଥିବାରୁ ବ୍ଲକ କର୍ତ୍ତୃପକ୍ଷଙ୍କୁ ଜବାବ ମାଗିଥିଲେ। ଏନେଇ ବ୍ଲକ ଅଧକ୍ଷା ସଞ୍ଜୁଲତା ବିଶ୍ୱାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ବିଡିଓ ଜୟଦେବ ଦାସ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ପ୍ରଣତି ଦେଓ, ଉପାଧକ୍ଷ ନରେନ୍ଦ୍ର ନାୟକ, ବିମ୍ବାଧର ବିଶ୍ୱାଳ, ନନ୍ଦୁ ଜେନା, ବିଜୟ ରାଉତ, ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବାଲିଆପାଳରେ ଚାଷୀ ମେଳି

ବାଲିଆପାଳ,୨୦।୧(ସ୍ୱ.ପ୍ର)

### ବନ୍ଦର,ପେଟ୍ରୋ କେମିକାଲ୍ ପ୍ଲାଣ୍ଟକୁ ବିରୋଧ

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଆଲାଡ଼ିହା ପଞ୍ଚାୟତ ଅନ୍ତର୍ଗତ ବାଲିବିଲ ହାଟପଡ଼ିଆଠାରେ ବୁଧବାର ଅପରାହ୍ନରେ ବନ୍ଦର ଏବଂ ପେଟ୍ରୋ କେମିକାଲ୍ ପ୍ଲାଣ୍ଟକୁ ବିରୋଧ କରି ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଏକ ବିଶାଳ ଚାଷୀ ମେଳି ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ଅରୁଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସ୍ତମ୍ଭକାର ରବି ଦାସ, ଓଡ଼ିଶା ଜନ ସମ୍ମିଳନୀର ସଭାପତି ପ୍ରଫୁଲ୍ଲ ସାମନ୍ତରା, ବିଶିଷ୍ଟ ପରିବେଶବିତ୍ ତଥା ଲୋକଶକ୍ତି ଅଭିଯାନର ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ କିଶୋର ଦାସ, ସିଭିଲ୍ ସୋସାଇଟିର ନେତା ମନୋଜ ନାୟକ, ସିପିଆଇଏମ୍ ନେତ୍ରୀ ତାପସୀ ପ୍ରହରାଜ, ସିପିଆଇ ନେତା ଜୟନ୍ତ ଦାସ, ବାଲିଆପାଳ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ଅଖିଳ ଭାରତ ଛାତ୍ର ସଂଘର ସଭାନେତ୍ରୀ ସଂଘମିତ୍ରା ଜେନାଙ୍କ ସମେତ ବହୁ ନେତୃବୃନ୍ଦ ଯୋଗଦେଇ ବିକାଶ ନାଁରେ ବିନାଶ ନୀତି ଚଳିବ ନାହିଁ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଯୋଜନା ନାଁରେ ବିସ୍ଥାପନ ମାନିବୁ ନାହିଁ। ମାଟି ହେଉଛି ଆମ ମା', ସେ ଆମ ଜୀବନ। ଉର୍ବର ଶସ୍ୟଶ୍ୟାମଳା, ବହୁ ଫସଲି ରତ୍ନଗର୍ଭା ଭଣ୍ଡାର ଧାନ, ପାନ, ମୀନ, କାଜୁ, ଗୁଆ, ଚିନାବାଦାମ, ସଜନା, ସପେଟା, ନଡ଼ିଆର ସ୍ୱର୍ଣ୍ଣପ୍ରସୁ ଭୂଇଁ ଉପକୂଳ ବାଲିଆପାଳରେ ବୃହତ୍ ବନ୍ଦର ଓ ସର୍ବନାଶୀ ପେଟ୍ରୋକେମିକାଲ୍ ଶିଳ୍ପାୟନ ଯୋଜନା ବିକାଶ ନୁହେଁ, ସେ ବିନାଶର କବରଖାନା। ତେଣୁ ସଂଗ୍ରାମ ସହିତ ସବୁଦିନ ରହିବୁ ବୋଲି ଯୋଗଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ସରକାର ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର ନ କଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ବ୍ୟାପକ ହେବ ବୋଲି ପ୍ରଜାମେଳିରେ ଉପସ୍ଥିତ ହଜାର ହଜାର ମହିଳାପୁରୁଷ ଚେତାବନୀ ଦେଇଥିଲେ।।


ସମାବେଶରେ ଯୋଗ ଦେଇଥିବା ଚାଷୀ।

## ଭୀମକୁଣ୍ଡ ସ୍ୱତୀ ଘାଟରେ ଦାମୋଦର ମେଳା

ଠାକୁରମୁଣ୍ଡା,୨୦।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକର ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ନିକଟସ୍ଥ ବୈତରଣୀ ନଦୀର ସ୍ୱତୀ ଘାଟରେ ବୁଧବାର ସାନ୍ତାଳ ସମ୍ପ୍ରଦାୟର ଦାମୋଦର ମେଳା ତଥା ଅସ୍ଥି ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଚଳିତ ବର୍ଷ କରୋନା ଯୋଗୁ ସ୍ୱତୀ ଘାଟରେ ଜନସମାଗମ କମ୍ ରହିଥିଲା। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଜିଲା ସମେତ ବିଭିନ୍ନ ସ୍ଥାନରୁ ସାନ୍ତାଳ ସମ୍ପ୍ରଦାୟର ୫୦୦ରୁ ଊର୍ଦ୍ଧ୍ୱ ଲୋକ ଆସି ଅସ୍ଥି ବିସର୍ଜନ କରିଥିଲେ। ମେଳା ଆୟୋଜନକାରୀ ମାରାଙ୍ଗ ବୁରୁ ଆସୋସିଏଶନର ସଭାପତି ଦାଶରଥି ସୋରେନ, ସମ୍ପାଦକ ଭାଗିରଥି ଟୁଡୁ, ସହ ସମ୍ପାଦକ ବସନ୍ତ ସୋରେନ, କୋଷାଧ୍ୟକ୍ଷ ଅବିନାଶ ଟୁଡୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଠାକୁରମୁଣ୍ଡା ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ, ଥାନା ଅଧିକାରୀ ନିରୋଜ କୁମାର ସାମଲ ଉପସ୍ଥିତ ଥିଲେ।

## ୪.୪୫ କୋଟିର ବିଜୁ ସେତୁ ଶିଳାନ୍ୟାସ

ଭଦ୍ରକ ଅଫିସ, ୨୦।୧

ଭଦ୍ରକ ଏମ୍ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟିତ ହୋଇଯାଇଛି। ଭଦ୍ରକ ବ୍ଲକ ଅର୍ଣ୍ଣପାଳ ପଞ୍ଚାୟତ ଶୁଶୁଆ ମହାନ୍ତି ସାହି ନାଳିଆ ନଦୀ ଉପରେ ୪.୪୫ କୋଟି ଟଙ୍କା ବ୍ୟୟରେ ବିଜୁ ସେତୁ ନିମନ୍ତେ ଶିଳାନ୍ୟାସ କରାଯାଇଛି। ଭଦ୍ରକ ବିଧାନସଭା କ୍ଷେତ୍ରର ଅର୍ଣ୍ଣପାଳ ପଞ୍ଚାୟତର ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ ହୋଇଛି। ସେହିପରି ଏହି ପଞ୍ଚାୟତରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ଏକ ଗ୍ରାମ୍ୟ ଉଦ୍ୟାନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜିଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ, ଜିଲା ପରିଷଦ ସଭ୍ୟ ସରୋଜ ନାୟକ, ସମିତିସଭ୍ୟା ଜୟଶ୍ରୀ ମହାପାତ୍ର, ସରପଞ୍ଚ ପରିମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ମହିଳା ସଙ୍ଗଠନର ଶୋଭାଯାତ୍ରା

ବାରିପଦା ଅଫିସ,୨୦।୧

ମୟୂରଭଞ୍ଜ ଜିଲା ବାରିପଦାଠାରେ ଅନୁଷ୍ଠିତ ଦିଶା ବୈଠକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି କଟାକ୍ଷ କରିଥିବା ଜିଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁଙ୍କ ଗିରଫ ଦାବିରେ ସୋମବାର ବାରିପଦା ମହିଳା ବିଜୁ ଜନତା ଦଳ ପକ୍ଷରୁ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ରାଜ୍ୟ ବିଜୁ ଜନତା ଦଳ ସମ୍ପାଦିକା ବିଷ୍ଣୁପ୍ରିୟା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ମହିଳା ହରିବଳଦେବଜୀଉଙ୍କ ମନ୍ଦିର ନିକଟରୁ ବାହାରି କେ.ସି. ସର୍କଲ, ଟ୍ରାଫିକ ଛକ, ବିଜୁ ପଟ୍ଟନାୟକ ଗୋଲେଇ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ବୀଣାପାଣି ସାହୁଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ ଏବଂ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଉପସ୍ଥିତ ରହି ଭାଜପା ପକ୍ଷରୁ କରାଯାଇଥିବା କଟାକ୍ଷକୁ ତୀବ୍ର ନିନ୍ଦା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୀମା ଦାସ, ଶ୍ରାବଣୀ ଦାସ, ଗୀତାରାଣୀ ବେହେରା, ସବିତା ବେହେରା, ପ୍ରଭାତୀ ପୃଷ୍ଟି, ପୂର୍ବତନ ଉପ-ନଗରପାଳ ଦୀପ୍ତିଲତା ମିଶ୍ର ଓ ଦୁର୍ଗାମଣୀ ଆଚାର୍ଯ୍ୟ, ବାରିପଦା ବ୍ଲକ ଅଧକ୍ଷା ପାର୍ବତୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ ।



ମହିଳା ସଙ୍ଗଠନ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

## ୫ ଚୋରାମଦ ବେପାରୀ ଗିରଫ

ଭୋଗରାଇ,୨୦।୧(ଡି.ଏନ.ଏ.)

ବାଲେଶ୍ୱର ଜିଲାପାଳ ଓ ଅବକାରୀ ବିଭାଗ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର-ଭୋଗରାଇ ଅବକାରୀ ବିଭାଗ ଏବଂ ଭୋଗରାଇ ଅତିରିକ୍ତ ତହସିଲଦାରଙ୍କ ମିଳିତ ଉଦ୍ୟମରେ ବୁଧବାର ଭୋଗରାଇ ଓ ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୫ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଭୋଗରାଇ ଗ୍ରାମର ଶକୁନ୍ତଳା ବେହେରା, କିଶନ ମାଝି, କୁମ୍ଭୀରଗଡ଼ିର ବୁଦ୍ଧିରାମ ମୁର୍ମୁ, ସାନଆଉସାର ଶଙ୍କର ଜେନା ଓ ଜଳେଶ୍ୱର ରାଜପୁରର ସରସ୍ୱତୀ ମୁର୍ମୁ। ଓଆଇସି ଦେବେନ୍ଦ୍ର କୁମାର ବେହେରା, ଏଏସ୍‌ଆଇ ମାନଗୋବିନ୍ଦ ମହାପାତ୍ର, ଜିଲା ସଦର ରେଞ୍ଜର ଆଇଆଇସି ପ୍ରବୀର କୁମାର ପ୍ରଧାନ, ଜିଲା ମୋବାଇଲ ସ୍କ୍ୱାଡ୍‌ର ଆଇଆଇସି ଗାଲୁରାମ ସୋରେନ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ସାରସ୍ୱତ ସମାରୋହରେ କବିତା ପାଠୋତ୍ସବ

ଖଇରା,୨୦।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ମା' ଅମ୍ବିକା ଆଶ୍ରମ ପରିସରରେ ରବିବାର ମା' ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦର ୨୮ତମ ସାମ୍ବତ୍ସରିକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଞ୍ଚାଳକ ଶୁଭେନ୍ଦୁ ମୁନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ କବିତା ପାଠୋତ୍ସବରେ ଶରତ କୁମାର ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ମାୟାଧର ନାୟକ ମୁଖ୍ୟଅତିଥି, ପ୍ରଫେସର ଉମେଶ ନାୟକ ମୁଖ୍ୟବକ୍ତା, ଭରତ ଚନ୍ଦ୍ର ଦାଶ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନାଦି ଚରଣ ଜେନା ଅଧ୍ୟକ୍ଷତା ଓ ଡା ଉମେଶ ଚନ୍ଦ୍ର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ଡ ଶତ୍ରୁଘ୍ନ ମଲ୍ଲିକ ମୁଖ୍ୟଅତିଥି, ସୋର କଲେଜ ପ୍ରାଧାପକ ଡ ଶରତ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା, ବିଧାନଚନ୍ଦ୍ର ରାୟ ଓ ଓ ବ୍ରଜେନ୍ଦ୍ର ନାଥ ଗିରି ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସାହିତ୍ୟ ବାସ୍ତବଧର୍ମୀ ହେବା ଦରକାର ବୋଲି କହିଥିଲେ। ଚଳିତବର୍ଷ ସମ୍ମାନଜନକ ମା' ଅମ୍ବିକା ସମ୍ମାନ ଜଳଙ୍ଗର ବାସନ୍ତୀଲତା ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ମୁଖପତ୍ର କଲ୍ୟାଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

## ସମ୍ପର୍କୀୟ ଭାଇ ଅଟକ

ସଜନାଗଡ଼,୨୦।୧(ଡି.ଏନ.ଏ.)

### ବନ୍ଧୁକ ଦେଖାଇ ନାବାଳିକାଙ୍କୁ ବଳାତ୍କାର ଘଟଣା

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବନ୍ଧୁକ ଦେଖାଇ ଦୁଇଜଣ ଦୁର୍ବୃତ୍ତ ଟେକି ନେଇ ବଳାତ୍କାର କରିଥିଲେ। ଉକ୍ତ ଘଟଣାରେ ସନ୍ଦେହରେ ନାବାଳିକାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ପ୍ରଭଞ୍ଜନ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୧୮ ତାରିଖରେ ନାବାଳିକା ତାଙ୍କର ଏହି ସମ୍ପର୍କୀୟ ଭାଇ ସହ ନୀଳଗିରି ଥାନା ଅଞ୍ଚଳର ଭଉଣୀ ଘରକୁ ବୁଲିବାକୁ ଯାଇଥିଲେ। ପରେ ସେଠାରୁ ସେମାନେ ସେହି ଭାଇଙ୍କ ଘରକୁ ଯାଇ ଫେରୁଥିଲେ। କଣ୍ଟିଆଟିକିରି ଛକରେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ପରେ ସେମାନେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ନାବାଳିକାଙ୍କୁ ପଞ୍ଚଲିଙ୍ଗେଶ୍ୱର ପୀଠ ନିକଟସ୍ଥ ପାନ୍ଥଶାଳା ପଛପଟ ଜଙ୍ଗଲକୁ ବାଇକ୍‌ରେ ନେଇଯାଇ ବଳାତ୍କାର କରିଥିଲେ। ପରେ ନାବାଳିକା କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ଏ ନେଇ ନୀଳଗିରି ଥାନାରେ ଏକ ମାମଲା (ନଂ. ୨୮/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏହି ଘଟଣାକୁ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଗୁରୁତ୍ୱ ଦେଇ ୨ଟି ଟିମ୍ ଗଠନ କରିଛନ୍ତି।

ଅନ୍ୟପକ୍ଷେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରକୁ ବର୍ଷ ସାରା ରାଜ୍ୟ ଓ ରାଜ୍ୟ ବାହାରୁ ଶତାଧିକ ପର୍ଯ୍ୟଟକ ଆସିଥାନ୍ତି। ମାତ୍ର ପୀଠରେ ପୋଲିସ ଫାଣ୍ଡି ନ ଥିବାରୁ ବାରମ୍ବାର ଗଣ୍ଡଗୋଳ, ଲୁଟ୍‌ତରାଜ୍, ଛିନ୍‌ତାଇ, ବଳାତ୍କାର, ଝିଅବୋହୂଙ୍କୁ ଆକ୍ରମଣ, ଅତ୍ୟାଚାର ଭଳି ଅପରାଧ ଘଟୁଛି। ଫଳରେ ପର୍ଯ୍ୟଟକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେବା ସହ ପୀଠକୁ ଆସିବାକୁ ବହୁ ପର୍ଯ୍ୟଟକ ଅମଙ୍ଗ ହେଉଛନ୍ତି। ଶ୍ୟାମସୁନ୍ଦରପୁର, ବାଉଁଶବଣିଆ, କାଣ୍ଡଗରଡ଼ି ପଞ୍ଚାୟତର ଲୋକ ଏଠାରେ ଏକ ଫାଣ୍ଡି ସ୍ଥାପନ ପାଇଁ ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସରସଦା ସମବାୟ ସମିତିର ୨ କର୍ମଚାରୀ ନିଲମ୍ବିତ

ଭଣ୍ଡାରିପୋଖରୀ, ୨୦।୧(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ସମବାୟ ସମିତିର ୨ କର୍ମଚାରୀ ବିରଞ୍ଚି ନାରାୟଣ ରାଉତ ଓ ଅଜୟ କୁମାର ବେହେରାଙ୍କୁ ମଙ୍ଗଳବାର ନିଲମ୍ବନ କରାଯାଇଛି। ଚଳିତ ଧାନ କ୍ରୟ ବ୍ୟବସ୍ଥାରେ ଅସହଯୋଗ ଓ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ସମିତିର ପୂର୍ବତନ ସମ୍ପାଦକ ତଥା କ୍ୟାସିୟର ବିରଞ୍ଚି ନାରାୟଣଙ୍କୁ ସମିତିର ପ୍ରଶାସକ ଅଭିଲାଷ ରଣା ନିଲମ୍ବନ କରି ଭଣ୍ଡାରିପୋଖରୀ ସମବାୟ ବ୍ୟାଙ୍କ ଶାଖାରେ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୂର୍ବତନ ସମ୍ପାଦକ ତଥା ସହକାରୀ ସମ୍ପାଦକ ଅଜୟଙ୍କୁ ବ୍ୟାପକ ଦୁର୍ନୀତି, ଆର୍ଥିକ ଅନିୟମିତତା, ବିଶୃଙ୍ଖଳା ସୃଷ୍ଟି କରିବା ଓ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ପ୍ରଶାସକ ନିଲମ୍ବନ କରିଛନ୍ତି। ସମବାୟ ବ୍ୟାଙ୍କ ଶାଖାରେ ଉପସ୍ଥାନ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରଶାସକ। ଏହି ସମିତିର ଧାନ ମଣ୍ଡିକୁ ଅନ୍ୟତ୍ର ଟ୍ୟାଗ୍ କରିବା ପାଇଁ ଆଲୋଚନା ଜାରି ରହିଥିବା ବେଳେ ବୁଧବାର ମଧ ସମିତିରେ ତାଲା ଖୋଲାଯାଇ ନ ଥିବା ଜଣାଯାଇଛି।

## ଯାଞ୍ଚକୁ ଡର: ବାଇକ୍‌ରୁ ପଡ଼ି ୨ ଆହତ

ବାଲେଶ୍ୱର ଅଫିସ,୨୦।୧

### ସଡ଼କ ସୁରକ୍ଷା ମାସ ପାଳନ

ବାଲେଶ୍ୱର ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ସଡ଼କ ସୁରକ୍ଷା ସମିତିର ସହଯୋଗରେ ଜିଲାରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି। ଦ୍ୱିତୀୟ ଦିନରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବସ୍‌ଷ୍ଟାଣ୍ଡ ପରିସରରେ ଚକ୍ଷୁ ପରୀକ୍ଷା ଶିବିରକୁ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜନ ଦଳବେହେରା ଉଦ୍‌ଘାଟନ କରିଥିଲେ। ଡ୍ରାଇଭରମାନଙ୍କ ଆଖି ଠିକ୍ ରହିବା ଏଖି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେହିପରି ରେମୁଣା ଡିଗ୍ରୀ କଲେଜ ପରିସରରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ର, ଏନ୍‌ସିସି, ଏନ୍‌ଏସ୍‌ଏସ୍ କ୍ୟାଡରମାନଙ୍କୁ ସଡ଼କ ସୁରକ୍ଷା ସପ୍ତାହର ଉଦ୍ଦେଶ୍ୟ ଜଣାଇଥିଲେ। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ବାହାରି ରେମୁଣା ଗୋଲେଇ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, କଲେଜ ଅଧକ୍ଷା ଜୟନ୍ତୀ ନାୟକ, ଏମ୍‌ଭିଆଇ ବିଶ୍ୱଜିତ ଦାସ, ରୋଡ୍ ସେଫ୍ଟି ଅଧିକାରୀ ରଶ୍ମିତା ମଲ୍ଲିକ ପ୍ରମୁଖ ଯୋଗଦେଇ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅପରାହ୍ନରେ ବାଇକ୍ ଚାଳକମାନଙ୍କର ହେଲମେଟ୍ ଓ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏହି ସମୟରେ ରେମୁଣା ଗୋଲେଇ ଆଡୁ ଏକ ବାଇକ୍‌ରେ ୩ ଯୁବକ ବିନା ହେଲମେଟ୍‌ରେ କ୍ଷୀରଚୋରା ମନ୍ଦିର ଆଡ଼କୁ ଯାଉଥିଲେ। ଗାଡ଼ି ଯାଞ୍ଚ ହେଉଥିବା ଦେଖି ବାଇକ୍ ଚାଳକ ଦ୍ରୁତ ଗତିରେ ପଳାଇ ଯିବାକୁ ପ୍ରୟାସ କରୁଥିବା ବେଳେ ପଡ଼ିଯାଇ ଆହତ ହୋଇଥିଲେ। ବାଇକ୍ ଚାଳକ ଦୁର୍ଯ୍ୟୋଧନ ଦାସ ଓ ବାପି ଦାସ ସାମାନ୍ୟ ଆହତ ହୋଇଥିଲେ। ପରେ ସେମାନଙ୍କୁ ପରିବହନ ବିଭାଗ ଅଧିକାରୀମାନେ ରେମୁଣା ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ।

ଏ ସମ୍ପର୍କରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦଳବେହେରାଙ୍କୁ ପଚାରିବାରୁ ଯାଞ୍ଚ ଚାଲିଥିବା ବେଳେ ସେମାନେ ଦ୍ରୁତ ଗତିରେ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପଡ଼ିଯାଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବୋଲି ପ୍ରକାଶ କରିଥିଲେ।


ବାଇକ୍‌ରେ ୩ ଜଣ ବସି ଯାଉଛନ୍ତି।

## ସହକାରୀ ଯନ୍ତ୍ରୀ ଲାଞ୍ଚ ନେବା ଭିଡିଓ ଭାଇରାଲ

ସଜନାଗଡ଼,୨୦।୧(ଡି.ଏନ.ଏ.)

### ଉପଜିଲାପାଳ, ବିଡିଓଙ୍କଠାରେ ଅଭିଯୋଗ

ନୀଳଗିରି ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଇଂ. ଅନୀଲ କୁମାର ପଣ୍ଡା ଏକ ବିଲ୍ ପାସ୍ କରିବା ପାଇଁ ଲାଞ୍ଚ ମାଗିବା ସହ ଲାଞ୍ଚ ନେବା ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଲାଞ୍ଚ ନେବା ଘଟଣାକୁ ନେଇ ଅଭିଯୋଗକାରୀ ବିନୋଦ ମହାନ୍ତି ନୀଳଗିରି ଉପଜିଲାପାଳ ଓ ବିଡିଓଙ୍କୁ ଲିଖିତ ଅଭିଯୋଗ କରିବା ସହ ତଦନ୍ତ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ନୀଳଗିରି ବ୍ଲକ ଜଡ଼ିଦା ପଞ୍ଚାୟତର ପ୍ରହଲ୍ଲାଦ ନୋଡାଲ ବିଦ୍ୟାଳୟକୁ ମହାମାରୀ କରୋନା ସମୟରେ ଟିଏମ୍‌ସି କେନ୍ଦ୍ର ଭାବେ ସରକାରୀସ୍ତରରେ ଘୋଷଣା କରାଯାଇଥିଲା। ଉକ୍ତ କେନ୍ଦ୍ରକୁ ରଙ୍ଗ ଦିଆଯିବା, ୫୦ଟି ଶଯ୍ୟାର ବ୍ୟବସ୍ଥା, ପାଇଖାନା ଘର ମରାମତି ସହ ପାନୀୟ ଜଳର ସମସ୍ତ ବ୍ୟବସ୍ଥା କରାଯାଇଥିଲା। କେନ୍ଦ୍ର ପାଇଁ ଯାହା ଖର୍ଚ୍ଚ ହେବ ତାହା ସିଏଫସି ଅର୍ଥରୁ ବହନ କରାଯିବ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି କୋଭିଡ୍ କେନ୍ଦ୍ରର ମରାମତି ଓ ଅତ୍ୟାବଶ୍ୟକ ସାମଗ୍ରୀ ସମ୍ପୃକ୍ତ ଜେଇଙ୍କ ଦ୍ୱାରା ବିଲ୍ ୧ଲକ୍ଷ ୪୯ହଜାର ୪ଶହ ଟଙ୍କା କରାଯାଇ ଚେକ୍ ମେଜରମେଣ୍ଟ ପାଇଁ ବ୍ଲକର ସହକାରୀ ଯନ୍ତ୍ରୀ ଇଂ. ପଣ୍ଡାଙ୍କ ନିକଟକୁ ପଠାଯାଇଥିଲା। ମାତ୍ର ସେ ଦୀର୍ଘ ଦିନ ଧରି ଫାଇଲଟିକୁ ପାଶ୍ କରି ନ ଥିଲେ। ସାମଗ୍ରୀ ଯୋଗାଇଥିବା ଅଭିଯୋଗକାରୀ ବିନୋଦ ବିଲ୍ ପାଶ୍ ପାଇଁ ସହକାରୀ ଯନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରି ନିରାଶ ହୋଇଥିଲେ। ତେବେ ୧୦ହଜାର ଟଙ୍କା ପିସି ନ ଦେଲେ ବିଲ୍ ପାଶ୍ ହେବ ନାହିଁ ବୋଲି ସହକାରୀ ଯନ୍ତ୍ରୀ ତାଙ୍କୁ କହିଥିଲେ। ମୂଲଚାଲ ପରେ ୬ହଜାର ଟଙ୍କା ସହକାରୀ ଯନ୍ତ୍ରୀଙ୍କୁ ଦେବାରୁ ବିଲ୍ ପାଶ୍ ହୋଇଥିଲା। ଏ ସମସ୍ତ ଘଟଣାକୁ ବିନୋଦ ନିଜ ମୋବାଇଲରେ ରେକର୍ଡିଂ କରି ସୋସିଆଲ ମିଡ଼ିଆରେ ଭାଇରାଲ କରିଛନ୍ତି। ଏ ବିଷୟରେ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ସେ ଫୋନ୍ ଉଠାଇ ନ ଥିଲେ। ଘଟଣା ସମ୍ପର୍କରେ ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ମାସକ ମଧ୍ୟରେ ଘୋଷଣା ନ ହେଲେ ଧାରଣା


ଖବରଦାତା ସମ୍ମିଳନୀରେ ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ସଦସ୍ୟ।

ଭଦ୍ରକ ଅଫିସ, ୨୦।୧

### ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

ଭଦ୍ରକ ଜିଲାରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର୍ ଧରିଛି। ଏ ନେଇ ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ସ୍ଥାନୀୟ ସାଳନ୍ଦୀ ନଗରସ୍ଥିତ ଭଦ୍ରାଣୀ ପରିସରରେ ବୁଧବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ଡା. ହରେକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା, ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ଏବଂ ସରକାରୀ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଦାବି କରାଯାଇଥିଲା। ଜିଲାର ଜନପ୍ରତିନିଧିମାନେ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ମନ୍ତ୍ରୀ ହେବା ସହ ଅତୀତରେ ଦୁଇଜଣ ମୁଖ୍ୟମନ୍ତ୍ରୀ ରାଜ୍ୟକୁ ଦେଇଥିଲେ ମଧ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭଦ୍ରକ ଅବହେଳିତ ବୋଲି କ୍ରିୟାନୁଷ୍ଠାନ କମିଟିର ଡା. ହରେକୃଷ୍ଣ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅଭୟ ଦ୍ୱିବେଦୀ, ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ରାମଚନ୍ଦ୍ର ବେହେରା, ସୁଧାକର ରାଉତ, ଶାନ୍ତନୁ ରାଉତ, ବସନ୍ତ କୁମାର ପାଣିଗ୍ରାହୀ, ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ କହିଥିଲେ। ମାସକ ମଧ୍ୟରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ନେଇ ଘୋଷଣା ନ ହେଲେ ବିଧାୟକଙ୍କ ବାସଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ସୀତାକାନ୍ତ ଦାସ, ଇନ୍ଦ୍ରଜିତ୍ ସାହୁ, ବୈଲୋଚନ ବେହୁରିଆ, ପ୍ରମୋଦ ରାୟ, ଶିଶିର ମିଶ୍ର, ଦିଲୀପ ମହାପାତ୍ର ଖବରଦାତା ସମ୍ମିଳନୀରେ ପ୍ରମୁଖ ଉପସ୍ଥିତ ଥିଲେ।

